# ସୁବର୍ଣ୍ଣପୁର ପୌରପରିଷଦ କାର୍ଯ୍ୟାଳୟ ସୁବର୍ଣ୍ଣପୁର

ନୋଟିସ୍ ନଂ 773 ତା. 10.03.23

## ସର୍ବସାଧାରଣ ନୋଟିସ୍

ଏତଦ୍ବାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ସୁବର୍ଣ୍ଣପୁର ପୌର ପରିଷଦ ଅଧିନସ୍ଥ ନିମ୍ନଲିଖିତ ସମ୍ପତ୍ତିଗୁଡିକର ଜଉମୁଦ ଟେଣ୍ଡର ଆହ୍ୱାନ କରାଯାଉଅଛି । ଯେଉଁମାନେ ଏଥିରେ ଅଂଶ ଗ୍ରହଣ କରିବାକୁ ଇଚ୍ଛୁକ ସେମାନେ ଆସନ୍ତା ତା.୨୦.୦୩.୨୦୨୩ ଅପରାହ୍ନ ୩.୦୦ଘ ସୁଦ୍ଧା ଜଉମୁଦ ଲଫାପାରେ ଟେଣ୍ଡର ପକାଇପାରିବେ । ଟେଣ୍ଡର ରେ ଭାଗ ନେବା ବ୍ୟକ୍ତି କାର୍ଯ୍ୟାଳୟରୁ ଟେଣ୍ଡର ଫର୍ମ ଓ ଟେଣ୍ଡର ସମ୍ବନ୍ଧିୟ ତଥ୍ୟ **ଟ.୧୦୦/-ଙ୍କା** ଦାଖଲ କରି ତା.୨୦.୦୩.୨୦୨୩ ଦିବା ଘ.୧.୦୦ ପର୍ଯ୍ୟନ୍ତ ପାଇପାରିବେ । ଜଉମୁଦ ଟେଣ୍ଡରରେ ଭାଗ ନେବା ବ୍ୟକ୍ତି ନିର୍ଦ୍ଧାରିତ ମୂଲ୍ୟ ର **୩୦ ପ୍ରତିଶତ** ଅମାନତ ଟଙ୍କା ବ୍ୟାଙ୍କ ଡ୍ରାଫ୍ଟ ଆକରରେ Executive Officer, Sonepur Municipality ଙ୍କ ନାମରେ ଟେଣ୍ଡର ପେପର ସହିତ ଟେଣ୍ଡର ବାକ୍ସରେ ମୁଦ ଲଫାପାରେ ପକାଇବାକୁ ଜଣାଇ ଦିଆଗଲା । ଜଉମୁଦ ଟେଣ୍ଡର ଆସନ୍ତା ତା.୨୦.୦୩.୨୦୨୩ ଅପରାହ୍ନ ଘ.୪.୦୦.ସମୟରେ ଟେଣ୍ଡର ଦାତା କିମ୍ବା ତାଙ୍କର କ୍ଷମତା ପ୍ରାପ୍ତ ବ୍ୟକ୍ତିଙ୍କ ଉପସ୍ଥିତିରେ ଖୋଲାଯିବ । ଟେଣ୍ଡରକାରୀ ଯେକୌଣସି ଟେଣ୍ଡର ର ସର୍ବୋଚ୍ଚ ମୂଲ୍ୟ ଗ୍ରହଣ କରିବାକୁ ବାଧ୍ୟ ନୁହନ୍ତି । କର୍ତ୍ତୃପକ୍ଷ ଇଚ୍ଛାକଲେ ବିନା ନୋଟିସରେ କୌଣସି କାରଣ ନ ଦର୍ଶାଇ ଟେଣ୍ଡର ରଦ୍ଦ କରିପାରିବେ । ଯେଉଁ ବ୍ୟକ୍ତି ଟେଣ୍ଡର ପାଇବେ ସେ ପରିଷଦର ନିର୍ଦ୍ଦେଶ ଅନୁଯାୟୀ ତଥା ଚୁକ୍ତିପତ୍ରର ସର୍ତ୍ତାବଳୀ ମୁତାବକ ସଂପତ୍ତି ପରିଚାଳନା କରିବେ । ଟେଣ୍ଡର ପାଇଥିବା ବ୍ୟକ୍ତି ୭ଦିନ ମଧ୍ୟରେ ଧାର୍ଯ୍ୟ ମୂଲ୍ୟ ବ୍ୟାଙ୍କ ଡ୍ରାଫ୍ଟ ଆକାରରେ ଜମା କରିବେ । କୌଣସି ସର୍ତ୍ତ ଖିଲାପ କଲେ କିମ୍ବା ନିୟମାନୁଯାୟୀ ସୈରାତ ପରିଚାଳନା ନକଲେ ଟେଣ୍ଡର ରଦ୍ଦ କରାଯିବା ସଂଗେ ସଂଗେ ଦାଖଲ କରାଯାଇଥିବା ସମସ୍ତ ଟଙ୍କା ବ୍ୟାଜାପ୍ତି କରାଯିବ । ଏଥିପାଇଁ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

| କ୍ର.ନଂ | ସଇରାତର ନାମ | ଟେଣ୍ଡର ର କାର୍ଯ୍ୟକାଳ | ଅଫସେଟ ମୂଲ୍ୟ | ଅମାନତ ଟଙ୍କା |
|---|---|---|---|---|
| ୧ | ଦୈନନ୍ଦିନ ବଜାର ଖମ୍ବେଶ୍ୱରୀ ମନ୍ଦିର ପାଖ (ମଙ୍ଗଳବାର ଦିନ ବ୍ୟତିତ ଅନ୍ୟ ସମସ୍ତ ଦିନ ଫି ଆଦାୟ) | ୦୧.୦୪.୨୦୨୨୩ ରୁ ୩୧.୦୩.୨୦୨୪ | ୮,୭୧,୯୩୮/- | ୨,୬୧,୫୮୧/- |
| ୨ | ସାପ୍ତାହିକ ବଜାର ଖମ୍ବେଶ୍ୱରୀ ମନ୍ଦିର (କେବଳ ମଙ୍ଗଳବାର ଦିନ) | ୦୧.୦୪.୨୦୨୨୩ ରୁ ୩୧.୦୩.୨୦୨୪ | ୯,୩୮,୬୮୮/- | ୨,୮୧,୬୦୬/- |
| ୩ | ଅସ୍ଥାୟୀ ଦୋକାନ ଫି | ୦୧.୦୪.୨୦୨୩ ରୁ ୩୧.୦୩.୨୦୨୪ | ୧,୭୦,୭୪୭/- | ୫୧,୨୨୪/- |
| ୪ | କଂସେଇ ଖାନା | ୦୧.୦୪.୨୦୨୩ ରୁ ୩୧.୦୩.୨୦୨୪ | ୩୩,୦୦୦/- | ୯,୯୦୦/- |
| ୫ | ସାଇକେଲ ଷ୍ଟାଣ୍ଡ (ମଙ୍ଗଳବାର ବଜାର) | ୦୧.୦୪.୨୦୨୩ ରୁ ୩୧.୦୩.୨୦୨୪ | ୯୯,୨୨୦/- | ୨୯,୭୬୦/- |
| ୬ | ବସଷ୍ଟାଣ୍ଡ ପାର୍କିଂ (ବିଜୁ ପଟ୍ଟନାୟକ ଛକ ଠାରୁ ନଳିନୀ ଛକ ପର୍ଯ୍ୟନ୍ତ) | ୦୧.୦୪.୨୦୨୩ ରୁ ୩୧.୦୩.୨୦୨୪ | ୨,୪୪,୩୨୦/- | ୭୩,୨୯୬/- |
| ୭ | ସିଙ୍ଗିଡା ବନ୍ଧ | ୦୧.୦୪.୨୦୨୩ ରୁ ୩୧.୦୩.୨୦୨୬ | ୪,୮୪୦/- | ୧,୪୫୨/- |
| ୮ | ଗୋଲା ବନ୍ଧ | ୦୧.୦୪.୨୦୨୩ ରୁ ୩୧.୦୩.୨୦୨୬ | ୩୭,୭୬୫/- | ୧୧,୩୩୦/- |
| ୯ | ଗୋବିନ୍ଦ ବନ୍ଧ | ୦୧.୦୪.୨୦୨୩ ରୁ ୩୧.୦୩.୨୦୨୬ | ୩୮,୨୩୭/- | ୧୧,୪୭୧/- |

10/03/2023

ନିର୍ବାହୀ ଅଧିକାରୀ
ସୁବର୍ଣ୍ଣପୁର ପୌର ପରିଷଦ

ପରିପତ୍ରାଙ୍କ ......774...... ତାରିଖ......10.03.23......

ଏହାର ଏକକିତା ଅବିକଳ ନକଲ ଯୁଗ୍ମ ନିର୍ଦ୍ଦେଶକ, ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଭୁବନେଶ୍ୱର ଓଡିଶା ଙ୍କୁ ଦୁଇ ଗୋଟି ସମ୍ବାଦପତ୍ର ........................... ଓ ............................ (ସମ୍ବଲପୁର ପ୍ରକାଶନ)ରେ ଆସନ୍ତା କାଲି ଗୋଟିଏ ଦିନ ପାଇଁ ପ୍ରକାଶ କରିବାକୁ ଅନୁରୋଧ କରାଗଲା ।

ନିର୍ବାହୀ ଅଧିକାରୀ, 10/03/2023
ସୁବର୍ଣ୍ଣପୁର ପୌର ପରିଷଦ

ପରିପତ୍ରାଙ୍କ ......775...... ତାରିଖ......10.03.23......

ଏହାର ଏକକିତା ଅବିକଳ ନକଲ ଜିଲ୍ଲାପାଳ, ସୋନପୁର/ ପ୍ରକଳ୍ପ ନିର୍ଦ୍ଦେଶକ,DUDA ସୋନପୁର/ ଉପ-ଜିଲ୍ଲାପାଳ, ସୋନପୁର/ ତହସିଲଦାର, ସୋନପୁରଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ନିର୍ବାହୀ ଅଧିକାରୀ, 10/03/2023
ସୁବର୍ଣ୍ଣପୁର ପୌର ପରିଷଦ

ପରିପତ୍ରାଙ୍କ ......776...... ତାରିଖ......10.03.23......

ଏହାର ଏକକିତା ଅବିକଳ ନକଲ D.I.O (NIC) ସୋନପୁରଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ଓ ଏହାକୁ ଜିଲ୍ଲା Web-site ରେ ପ୍ରକାଶ କରିବାକୁ ଅନୁରୋଧ କରାଗଲା ।

ନିର୍ବାହୀ ଅଧିକାରୀ, 10/03/2023
ସୁବର୍ଣ୍ଣପୁର ପୌର ପରିଷଦ ।

ପରିପତ୍ରାଙ୍କ ......777...... ତାରିଖ......10.03.23......

ଏହାର ଏକକିତା ଅବିକଳ ନକଲ କାର୍ଯ୍ୟାଳୟ ନୋଟିସ ବୋର୍ଡରେ ପ୍ରକାଶ କରାଗଲା ।

ନିର୍ବାହୀ ଅଧିକାରୀ, 10/03/2023
ସୁବର୍ଣ୍ଣପୁର ପୌର ପରିଷଦ

ପରିପତ୍ରାଙ୍କ ......778...... ତାରିଖ......10.03.23......

ଏହାର ଏକକିତା ଅବିକଳ ନକଲ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ସୋନପୁରଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ନିର୍ବାହୀ ଅଧିକାରୀ, 10/03/2023
ସୁବର୍ଣ୍ଣପୁର ପୌର ପରିଷଦ

# ଟେଣ୍ଡରର ସର୍ତ୍ତାବଳୀ

ଜଂଉମୁଦ ଟେଣ୍ଡରରେ ଭାଗନେବା ବ୍ୟକ୍ତି ନିର୍ଦ୍ଧାରୀତ ମୂଲ୍ୟର ୩୦ ପ୍ରତିଶତ ଅମାନତ ଟଙ୍କା ନିର୍ବାହୀ ଅଧକାରୀ, ପୌର ପରିଷଦ, କାର୍ଯ୍ୟାଳୟର ବ୍ୟାଙ୍କ ଡ୍ରାଫ୍ଟ ମାଧମରେ ଜମା ଦେଇ ଟେଣ୍ଡର ପେପର ସହିତ ନିର୍ଦ୍ଧାରୀତ ଟେଣ୍ଡର ବାକ୍ସରେ ମୁଦ ଲଫାପାରେ ପକାଇବେ । ଯାହାଙ୍କର ଟେଣ୍ଡର ଗ୍ରହଣୀୟ ହେବନାହିଁ ତାଙ୍କ ଅମାନତ ଫେରସ୍ତ ଦିଆଯିବ ।

୧. ଯେଉଁ ବ୍ୟକ୍ତିଙ୍କ ଉପରେ ପରିଷଦର ପାଉଣା ବକେୟାଥିବ, ସେମାନେ ଟେଣ୍ଡରରେ ଅଂଶଗ୍ରହଣ କରିପାରିବେ ନାହିଁ । ଯଦି କରିଥାନ୍ତି, ତାହା ଗ୍ରହଣ ଯୋଗ୍ୟ ହେବନାହିଁ ।

୨. ଟେଣ୍ଡର ଫର୍ଦ୍ଦ ବିଭାଗୀୟ କର୍ତ୍ତୁପକ୍ଷଙ୍କ ଦ୍ୱାରା ଅନୁମୋଦନ ହେବା ପରେ ଟେଣ୍ଡରଧାରୀ ନୋଟିସ୍ ପାଇବାର ୭ଦିନ ମଧରେ ନିଜ ଖର୍ଚ୍ଚରେ ପରିଷଦ ସହିତ ଚୁକ୍ତି ସମ୍ପାଦନ କରିବା ସଂଗେ ସଂଗେ କାର୍ଯ୍ୟାଳୟ ରେ ଏକ କାଳିନ ନିଲାମ ରାଶି ବ୍ୟାଙ୍କ ଡ୍ରାଫ୍ଟ ମାଧମରେ ପରିଷଦରେ ଦାଖଲକରିବେ । ଅନ୍ୟଥା ପଇଠ କରିଥିବା ଅମାନତ ରାଶି ବ୍ୟାଜାପ୍ତି କରାଯାଇ ପାରିବ । ଟେଣ୍ଡର ଦାତାଙ୍କ ନିଲାମ ରାଶି ବିବେଚନାକୁ ନିଆଯିବ । ତାପରେ ସମ୍ପତ୍ତି ପରିଚାଳନା ନିମନ୍ତେ ହସ୍ତାନ୍ତର କରାଯିବ ।

୩. ଦୈବୀ ଦୁର୍ବିପାକ କିମ୍ବା ଅନ୍ୟ ଯେକୌଣସି କାରଣରୁ ଟେଣ୍ଡରଧାରୀ ଯଦି କ୍ଷତି ସହନ୍ତି, ତେବେ କର୍ତ୍ତୁପକ୍ଷ ଦାୟୀ ରହିବେ ନାହିଁ କିମ୍ବା ଟେଣ୍ଡରଧାରୀ କିଛି ଦାବି କରିପାରିବେ ନାହିଁ । ଏଥିପାଇଁ କୌଣସି ରିହାତି ଦରଖାସ୍ତ ଗ୍ରହଣ କରାଯିବ ନାହିଁ ।

୪. ଟେଣ୍ଡରଧାରୀ ପରିଷଦର ନିର୍ଦ୍ଦେଶ ପ୍ରକାରେ ତଥା ଚୁକ୍ତିପତ୍ରର ସର୍ତ୍ତାବଳୀ ମୁତାବକ ସମ୍ପତ୍ତି ପରିଚାଳନା କରିବେ । କୌଣସି ସର୍ତ୍ତଖିଲାପ କଲେ କିମ୍ବା ନିୟମାନୁଯାୟୀ ସୈରାତ ପରିଚାଳନା ନକରିଲେ ଟେଣ୍ଡର ରଦ୍ଦ କରାଯିବା ସଂଗେ ସଂଗେ ଦାଖଲ କରାଯାଇଥିବା ସମସ୍ତ ଟଙ୍କା ବ୍ୟାଜାପ୍ତି କରାଯିବ । ଏଥିପାଇଁ କର୍ତ୍ତୁପକ୍ଷ ଦାୟୀ ରହିବେ ନାହିଁ ।

୫. ବସଷ୍ଟାଣ୍ଡ ପାଇଁ ଟେଣ୍ଡରଧାରୀ ପରିଷଦ ନିର୍ଦ୍ଧିରୀତ ଇଲାକାରୁ ପରିଷଦ ଦ୍ୱାରା ନିର୍ଦ୍ଧାରଣ କରାଯାଇଥିବା ମାସୁଲ ଫି ଯଥା – ଟ୍ରକ୍ ଓ ବସ୍ ଆଦିଯାନ ପ୍ରତି ଦୈନିକ ଟ.୧୫/-ଙ୍କା ଓ ଟ୍ୟାକସି, ଜିପ୍, କାର, ଅଟୋ ରିକ୍ସା ଓ ଅନ୍ୟାନ୍ୟ ସମଜାତୀୟ ଯାନ, ଟ୍ରାକ୍ଟର ଆଦିଯାନ ପ୍ରତି ଟ.୧୦/-ଙ୍କା ଆଦାୟ କରିବେ ।

୬. କଂସେଇ ଖାନା ଟେଣ୍ଡରଧାରୀ ପରିଷଦ ନିର୍ଦ୍ଧିରୀତ କଂସେଇ ଖାନାରୁ ପରିଷଦ ଦ୍ୱାରା ନିର୍ଦ୍ଧାରଣ କରାଯାଇଥିବା ମାସୁଲ ଫି ଯଥା ଖାସି/ଛେଳି ଗୋଟା ପ୍ରତି ଟ.୩୦/- ଆଦାୟ କରିବେ ।

୭. ଦୈନିକ ବଜାର ଟେଣ୍ଡର ଧାରୀ ପରିଷଦ ଦ୍ୱାରା ନିର୍ଦ୍ଧାରିତ ଦୈନିକ ବଜାରରୁ ଛୋଟ ପସରା ପିଛା ଟ.୧୦/- ଓ ବଡ ପସରା ପିଛା ଟ.୨୦/- ଆଦାୟ କରିବେ ।

୮. ସାପ୍ତାହିକ ବଜାର ଟେଣ୍ଡର ଧାରୀ ପରିଷଦ ଦ୍ୱାରା ନିର୍ଦ୍ଧାରିତ ବଜାରରୁ ଛୋଟ ପସରା ପିଛା ଟ.୧୦/- ଓ ବଡ ପସରା ପିଛା ଟ.୨୦/-, ପନି ପରିବା ବସ୍ତା ପିଛା, ଟ.୧୦/- ଆଦାୟ କରିବେ ।

୯. ତା.୧୦.୦୩.୨୦୨୩ ଠାରୁ ତା.୨୦.୦୩.୨୦୨୩ ଦିବା ଘ.୧.୦୦ ପର୍ଯ୍ୟନ୍ତ ଯେକୌଣସି କାର୍ଯ୍ୟ ଦିବସରେ ପରିଷଦ କାର୍ଯ୍ୟାଳୟରୁ ନିର୍ଦ୍ଧାରିତ ଟେଣ୍ଡର ଫର୍ମ ଟ.୧୦୦/-ଙ୍କା ଦାଖଲକରି ପାଇପାରିବେ ଓ ଟେଣ୍ଡର ସଂମ୍ବନ୍ଧୀୟ ତଥ୍ୟ ବୁଝିପାରିବେ । ଫର୍ମ ଦାଖଲର ଶେଷ ତାରିଖ ତା.୨୦.୦୩.୨୦୨୩ ପୂର୍ବାହ୍ଣ ଘ. ୩.୦୦.

୧୦. ପରିଷଦ ସୀମା ମଧ୍ୟରେ ଥିବା ସମସ୍ତ କାଠ କେବିନ ଓ ଠେଲା ମାନଙ୍କର ଅସ୍ଥାୟୀ ଦୋକାନ ଫି ପରିଷଦ ଦ୍ୱାରା ନିର୍ଦ୍ଧାରିତ ମାସୁଲ ଆଦାୟ କରିବେ ।

୧୧. ଟେଣ୍ଡରଧାରୀ ପରିଷଦ ନିର୍ଦ୍ଧାରୀତ ଇଲାକରୁ ପରିଷଦ ଦ୍ୱାରା ନିର୍ଦ୍ଧାରଣ କରାଯାଇଥିବା ମାସୁଲ ଫି ଯଥା ଠେଲା/କାଠ କେବିନ୍ ପିଛା ଦୈନିକ ଟ.୧୦/- ଆଦାୟ କରିବେ ।

୧୨. ଟେଣ୍ଡରକାରୀ ଯେକୌଣସି ଟେଣ୍ଡରର ସର୍ବୋଚ୍ଚ ମୂଲ୍ୟ ଗ୍ରହଣ ନିମନ୍ତେ ବାଧ୍ୟ ନୁହନ୍ତି । ସେ ଇଛା କଲେ ବିନା ନୋଟିସରେ କୌଣସି କାରଣ ନଦର୍ଶାଇ ଟେଣ୍ଡର ରଦ୍ଦ କରିପାରିବେ ।

୧୩. ତା.୨୦.୦୩.୨୦୨୩ ପୂର୍ବାହ୍ଣ ଘ.୪.୦୦.ସମୟରେ ଟେଣ୍ଡର ଦାତା କିମ୍ବା ତାଙ୍କର କ୍ଷମତା ପ୍ରାପ୍ତ ବ୍ୟକ୍ତିଙ୍କ ଉପସ୍ଥିତିରେ ପୌର ପରିଷଦ କାର୍ଯ୍ୟାଳୟରେ ଟେଣ୍ଡର ଖୋଲାଯିବ ।

୧୪. ଟେଣ୍ଡର ଧାରୀ ଟେଣ୍ଡର ଫର୍ମ ସହିତ ନିଜ ହସ୍ତାକ୍ଷର ଥିବା ବ୍ୟାଙ୍କ ପାସବୁକର ସମ୍ମୁଖ ପୃଷ୍ଠାର ଏକକିତା ନକଲ ଦାଖଲ କରିବେ ।

10/3/2023

ନିର୍ବାହୀ ଅଧିକାରୀ,
ସୁବର୍ଣ୍ଣପୁର ପୌର ପରିଷଦ